# ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ,ଯାଜପୁର

**E-mail ID-mbttb@maabiraja.com/maabirajattb@gmail.com**
**Ph- 06728-223900/Website-www.maabiraja.com**

ନଂ- ୬୮ ତା- ୧୦.୩.୨୫ ରିଖ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ବେଢାମଧ୍ୟସ୍ଥ ଅମଣିଆଭୋଗଦୋକାନ-ନଂ(୧) ଆସନ୍ତାତା ୧୮.୦୩.୨୦୨୫ ରିଖ ଦି ୧୧ ଘଟିକା ସମୟରେ ଉପ-ଜିଲ୍ଲାପାଳ ଯାଜପୁରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୨୦୨୫-୨୦୨୬ବର୍ଷ ନିମନ୍ତେ ପ୍ରକାଶ୍ୟ ନିଲାମ କରାଯିବ, ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତରହି ନିଲାମରେ ଅଂଶଗ୍ରହଣ କରିପାରିବେ ଏବଂ ଏଥିସହ ସଯୁକ୍ତ ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧ୍ୟହେବେ ନଚେତ ତାଙ୍କଦ୍ଵାରା ଦାଖଲହୋଇଥିବା ଅମାନତରାଶିକୁ ଯେକୌଣସି ସମୟରେ ବାଜ୍ୟାପ୍ତି କରାଯାଇପାରିବ ।

ଯଦି ଅମଣିଆଭୋଗଦୋକାନ ନଂ(୧) ତା ୧୮.୦୩.୨୦୨୫ ରିଖ ଦିନ ନିଲାମ ହୋଇ ନପାରିବ ତା ୨୬.୦୩.୨୦୨୫ ରିଖ ସମାନ ସମୟ ଓ ସ୍ଥାନରେ ପୁନଃ ନିଲାମ ଅନୁଷ୍ଠିତ ହେବ । ଯଦି ତା ୨୬.୦୩.୨୦୨୫ ରିଖ ଦିନ ନିଲାମ ହୋଇନପାରିବ ତାହା ପୁନଃ ନିଲାମ ତା ୨୮.୦୩.୨୦୨୫ ରିଖ ସମାନ ସମୟ ଓ ସ୍ଥାନ ଠାରେ ଅନୁଷ୍ଠିତ ହେବ ।

| କ୍ର.ନଂ | ୨୦୨୫-୨୦୨୬ ବର୍ଷପାଇଁ ହେବାକୁଥିବା ଉତ୍ସରନାମ | ଅପସେଟ ମୂଲ୍ୟ (ଟଙ୍କାରେ) (Upset price) | ଅମାନତଜମା ୧୦% (ଟଙ୍କାରେ) | ଅମାନତଜମା ଦାଖଲପାଇଁ ତାରିଖ | ସମ୍ପୃକ୍ତ ନିଲାମ ପାଇଁ ଇସ୍ତାହାର ସଂଲଗ୍ନ କରାଗଲା |
|---|---|---|---|---|---|
| ୧ | ଅମଣିଆଭୋଗଦୋକାନ ନଂ୧ | ୨୨,୪୯,୫୦୦/- | ୨,୨୪,୯୫୦/- | ନିଲାମ ତାରିଖ ପୁର୍ବଦିନ | ସଂଲଗ୍ନ |

ପରିପତ୍ରସଂଖ୍ୟା- ୬୮(୪) ତାରିଖ- ୧୦.୩.୨୫

ଏହାରଏକକିତାନକଲ ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ, ଯାଜପୁର ନୋଟିସ ବୋର୍ଡ / ନିର୍ବାହୀଅଧିକାରୀ ଯାଜପୁର ପୌରପାଳିକାଙ୍କ କାର୍ଯ୍ୟାଳୟ ନୋଟିସବୋର୍ଡ ଓ ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତିନିମନ୍ତେ ପ୍ରକାଶ କରାଗଲା ।

୧୦.୩.୨୫

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

ପରିପତ୍ରସଂଖ୍ୟା- ୮୦ ତାରିଖ- ୧୦.୩.୨୦୨୫

ଏହି ବିଜ୍ଞାପନକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୦.୩.୨୫

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner

# ସର୍ତ୍ତାବଳୀ

## ଅମଣିଆ ଭୋଗଦୋକାନ ନଂ-(୧)

୧. ଉପରୋକ୍ତ ଅମଣିଆଭୋଗ ଦୋକାନ ନିମନ୍ତେ ୧୦%ଅମାନତ ରାଶିସ୍ୱରୂପ ଅର୍ଥ ଟ ୨,୨୪,୯୫୦/-ଙ୍କା Managing Trustee Maa Biraja Temple, Jajpur (Payable at State Bank of India, Jajpur Town Branch, IFSC 0000094) (Branch Code-00094) ଙ୍କ ନାମରେ Demand draft ନିଲାମ ତାରିଖ ପୂର୍ବଦିନ Managing Trustee Maa Biraja Temple, Jajpur ଙ୍କ ଅଫିସରେ ଦାଖଲ ଦେଇ ରସିଦ ହାସଲକରି ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ । ନଚେତ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ ।

୨. ଉପରୋକ୍ତ ନିଲାମ ନିମନ୍ତେ ସର୍ବନିମ୍ନଟଙ୍କା ଟ ୨୨,୪୯,୫୦୦/- /-ଧାର୍ଯ୍ୟକରାଯାଇଛି ।

୩. ମନ୍ଦିରର କୌଣସିଦେୟ ବାକିରଖିଥିବା ବ୍ୟକ୍ତି ବା ତାଙ୍କ ସମ୍ପର୍କୀୟ ଉକ୍ତ ନିଲାମରେ ଭାଗନେଇପାରିବେ ନାହିଁ ।

୪. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧହେବ ସେ ଉକ୍ତଦିନ ନିଲାମ ମୂଲ୍ୟର ଶତକଡା ୯୦%ଭାଗ ଅର୍ଥ SBI. Jajpur town main Branch AC.NO-11308945546 / IFSC 0000094) (Branch Code-00094) ରେ RTGS/NEFT ମାଧ୍ୟମରେ ଜମାଦେଇ ମନ୍ଦିର କାର୍ଯ୍ୟାଳୟରୁ ରସିଦ ହାସଲ କରିବେ ଓ ଅବଶିଷ୍ଟ ୧୦% ଅର୍ଥ ତା ୩୧.୧୨.୨୦୨୫ ରିଖ ସୁଦ୍ଧା ମନ୍ଦିର କାର୍ଯ୍ୟାଳୟରେ ଦାଖଲ କରେିବେ ।

୫. ଯଦିକୌଣସି କାରଣରୁ ନିଲାମଧାରୀ ନିଲାମଟଙ୍କା ପୈଠକରିବାରେ ତୃଟିକରନ୍ତି ତେବେତାଙ୍କଦ୍ୱାରା ଦାଖଲ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଓ ତାଙ୍କ ତଳକୁ ଥିବା ବ୍ୟକ୍ତିଙ୍କ ଡାକକୁ ବିଚାରକୁ ନିଆଯିବ /ପୁନିନିଲାମ କରାଯିବ/ବିକଳ୍ପବ୍ୟବସ୍ଥା ଗ୍ରହଣ କରାଯିବ (କିପ୍ରକାର ବିକଳ୍ପ ବ୍ୟବସ୍ଥାଗ୍ରହଣ କରାଯିବ ତାହାମୁଖ୍ୟ ପରିଚାଳକ ସ୍ଥିରକରି ଆବଶ୍ୟକ ପଦକ୍ଷେପନେବେ ।)

୬. ଅମଣିଆ ଭୋଗର ପ୍ରସ୍ତୁତି କେବଳ ଓମଫେଡ ଘିଅରେ କରାଯିବ ।

୭. ଅମଣିଆ ଭୋଗର ପ୍ରକାର ଓ ମୂଲ୍ୟ ଟ୍ରଷ୍ଟବୋର୍ଡ କର୍ତ୍ତୁପକ୍ଷଙ୍କଦ୍ୱାରା ସ୍ଥିରହେବ ଓ ସେହିମୂଲ୍ୟରେ ଉଚିତମାନ ରକ୍ଷାକରି ନିଲାମଧାରୀ ଭୋଗବିକ୍ରୟକରିବେ ଏବଂ ଦୋକାନ ସମ୍ମୁଖରେ ଏକ ମୂଲ୍ୟସୂଚୀ ବୋର୍ଡ ଲଗାଇବାକୁ ବାଧ୍ୟହେବେ । । ପ୍ରତି ସପ୍ତାହରେ ଦୁଇଥର କର୍ତ୍ତୁପକ୍ଷ / ଗୁମାସ୍ତା / ମାନନୀରିକ୍ଷକ ମାନଙ୍କ ଦ୍ୱାରା ଯାଂଚ କରାଯିବ । ଯଦି ନିମ୍ନମାନର ଅମଣିଆଭୋଗ ବିକ୍ରୟ କରିବା କର୍ତ୍ତୁପକ୍ଷଙ୍କ ଦୃଷ୍ଟିକୁ ଆସେ ଏବଂ କୌଣସି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିହୁଏ ତେବେ ତାଙ୍କର ନିଲାମକୁ ରଦ୍ଦକରାଯାଇ ସମସ୍ତ ଜମାରାଶିକୁ ବ୍ୟାଜାପ୍ତିକରାଯିବ । ନିଲାମଧାରୀମାନେ ଭକ୍ତମାନଙ୍କର ଆବଶ୍ୟକତା ଓ କ୍ରୟଶକ୍ତିକୁଦୃଷ୍ଟିରେରଖି ଭୋଗସାମଗ୍ରୀ ଦେବେ ।

୮. ନୀଲାମଧାରୀ ଉକ୍ତସ୍ଥାନର ପରିଛନ୍ନତା ତଥା ଶୃଙ୍ଖଳା ରକ୍ଷାକରିବା ସହିତ ଭକ୍ତମାନଙ୍କୁ ଉତ୍ତମବ୍ୟବହାର ପ୍ରଦାନ କରିବେ ।

୯. ନୀଲାମଧାରୀ ବିକ୍ରୟଗୃହକୁ ଆବଶ୍ୟକତା ଅନୁଯାଇ ନିଜଖର୍ଚ୍ଚରେ ଟ୍ରଷ୍ଟବୋର୍ଡ କର୍ତ୍ତୁପକ୍ଷଙ୍କ ଗୋଚରରେ ମରାମତିକରିବା ସହିତ ପ୍ରଚାର ନିମନ୍ତେ ଆବଶ୍ୟକଅନୁଯାଇ ନିଜଖର୍ଚ୍ଚରେ ସମସ୍ତବ୍ୟବସ୍ଥାକରିବେ । ମନ୍ଦିରମଧ୍ୟରେ କୌଣସି ଡାକବାଜିଯନ୍ତ୍ର ବ୍ୟବହାର କରିପରିବେ ନାହିଁ ।

୧୦. ନିଲାମରେ ଅଂଶଗ୍ରହଣକରିବା ପାଇଁ ଅମାନତଟଙ୍କା ଜମାକରିଥିବା ବ୍ୟକ୍ତିବିଶେଷଙ୍କ ବ୍ୟତିରେକ ଅନ୍ୟକୌଣସିଲୋକ ଉକ୍ତ ସ୍ଥାନରେ ଉପସ୍ଥିତ ରହିପାରିବେନାହିଁ ।

୧୧. ନିଲାମରେ କୌଣସି ଅଂଶୀଦାର ସହଯୋଗ ନନେଇ କେବଳ ବ୍ୟକ୍ତିଗତଭାବେ ଭାଗନେଇପାରିବେ ।

୧୨. ନୀଲାମଧାରୀ ନିଜଖର୍ଚ୍ଚରେ ଏକଏକରାରନାମା ପ୍ରସ୍ତୁତ କରି ମନ୍ଦିରର ସମସ୍ତ ସର୍ତ୍ତାବଳୀ ମାନଲିପିବଦ୍ଧକରି ନିମ୍ନସାକ୍ଷରକାରୀଙ୍କ ନିକଟରେ୭ଦିନମଧ୍ୟରେ ଦାଖଲକରିବେ ।

୧୩. ସର୍ବୋପରି କୌଣସିକାରଣ ନଦର୍ଶାଇ ଉକ୍ତନିଲାମକୁ ନାକଚକରିବାର ସମସ୍ତକ୍ଷମତା ନିମ୍ନସାକ୍ଷରକାରୀଙ୍କର ଅଛି ।

୧୪. ଠାକୁରାଣୀଙ୍କ ପର୍ବପର୍ବାଣୀ ଦିନମାନଙ୍କରେ ବିଶେଷଭୋଗ ଭକ୍ତମାନଙ୍କ ନିମନ୍ତେ ପ୍ରସ୍ତୁତକରି ବିକ୍ରୟ କରିବେ ।

(କ)ଜନ୍ମଦିନରେ-ଆରିସାପିଠା/ (ଖ) ଅଷ୍ଟମୀ,ନବମୀ,ଦଶମି-କାକରା

୧୫. ଅମାନତ ଦେୟ ବର୍ଷ ଶେଷରେ ଫେରସ୍ତ ନେବେ ।

୧୬. ନୂତନ ଭାବେ ତିଆରି ହୋଇଥିବା ଭୋଗଦୋକାନକୁ ନିଲାମ କରାଯିବ । ନିଲାମ ଧାରୀ କୌଣସି ଅଦାଲତର ଆଶ୍ରୟ ନେଇପାରିବେନାହିଁ । ନୀଲାମଧାରୀ ଏହି ସର୍ତ୍ତାବଳୀକୁ ମାନିବାକୁ ବାଧହେବେ ।

୧୭. ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ଯେକୌଣସି ବ୍ୟକ୍ତିଙ୍କ ଉପରେ ପୂର୍ବରୁ କୌଣସି ଆପତ୍ତି ଅଭିଯୋଗ ଥିଲେ କିମ୍ବା ଏକାଧିକ ତାଗିଦ ନୋଟିସ ପାଇଥିବା ବ୍ୟକ୍ତି ନିଲାମରେ ଭାଗନେଇପାରିବେ ନାହିଁ ।

୧୮ .ନୀଲାମଧାରୀ ଅମଣିଆଭୋଗ-୧ ବିକ୍ରୟ ସ୍ଥାନରେ ନିଜଖର୍ଚ୍ଚରେ ଏକମୂଲ୍ୟ ସୂଚୀ ବୋର୍ଡ ଲଗାଇବେ । ନିଲାମଧାରୀ ନିଲାମ ପ୍ରାପ୍ତିର ୭ଦିନମଧ୍ୟରେ ମୂଲ୍ୟସୂଚୀବୋର୍ଡ ନଲଗାନ୍ତି ତେବେ ଦିନ ପ୍ରତି ୫୦୦/-ଟଙ୍କା ଜୋରିମାନା ଆଦାୟ କରାଯିବ ଏବଂ ଯଦି୧ମାସ ଅବଧି ମଧ୍ୟରେ କାର୍ଯ୍ୟକାରୀ ନକରନ୍ତି ତେବେ ନିଲାମକୁ ରଦ୍ଦକରାଯିବ ।

| କ୍ରନଂ | ସାମଗ୍ରୀ ତାଲିକା | କି;ଗ୍ରା | ଗୋଟାପ୍ରତି |
|---|---|---|---|
| ୧ | ଖଇ ଉଖୁଡା ଦୋପାଗି | ଟ୧୫୦/- | |
| ୨ | ମଗଜିଲଡୁ | ଟ୨୦୦/- | ଟ୫/- |
| ୩ | ସନ୍ଦେଶ | ଟ୩୦୦/- | ଟ୭/- |
| ୪ | ମାଲପୁଆ | ଟ୨୦୦/- | ଟ୬/-୧୦/- |
| ୫ | ଛେନାମୁଁଆ ବଡ | ଟ୨୦୦/- | ଟ୫/- / ୭/- |
| ୬ | ଖାସ୍ତାଗଜା ବଡ | ଟ୧୮୦/- | ଟ ୫/- |
| ୭ | ଡାଲିଗଜା | ଟ୧୮୦/- | ଟ ୫/- |
| ୮ | ଫେଣିଗଜା | ଟ୧୮୦/- | ଟ ୭/-୧୦/- |
| ୯ | ଗୋଲାପଜାମୁ | ଟ୨୦୦/- | ଟ୫/-୧୦/- |
| ୧୦ | ମୋତିଚୁର | ଟ୧୮୦/- | ଟ୫/- |
| ୧୧ | ରସଗୋଲା | ଟ୨୦୦/- | ଟ୫/-/ ୧୦/- |
| ୧୨ | ଘିଅପିଠା | ଟ୨୦୦/- | ଟ୫/- |
| ୧୩ | କ୍ଷୀରଗଜା | ଟ୨୦୦/- | ଟ୫/- |
| ୧୪ | ବୁନ୍ଦିଆଲଡୁବଡ | ଟ୧୮୦/- | ଟ୧୦/- |
| ୧୫ | ବୁନ୍ଦିଆଲଡୁ ଛୋଟ | ଟ୧୮୦/- | ଟ୫/- |

ଯାତ୍ରୀମାନେ ନିଜଘରୁ ନଡିଆ,କଦଳୀ ଓ ଫଳଭୋଗ ଇତ୍ୟାଦି ଆଣି ଭୋଗ ଲଗାଇ ପାରିବେ ଏବଂ ଏଥିପାଇଁ ଟ୍ରଷ୍ଟ ବୋର୍ଡତରଫରୁ କୌଣସି ବାରଣନାହିଁ ।

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner